The Odisha Gazette

EXTRAORDINARY
PUBLISHED BY AUTHORITY

No. 1440, CUTTACK, FRIDAY, AUGUST 10, 2018/ SRAVAN 19, 1940

[ସଂଖ୍ୟା 12919–SME-SSE-SSE-0095/2017/ ଏସ.ଏମ.ଇ.]

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

ସଂକଳ୍ପ

ତା. 7.6.2018

**ବିଷୟ : ଦଶମ ଶ୍ରେଣୀ ପିଲାଙ୍କ ପାଇଁ "ଓଡିଆ ଭାଷା ବୃତ୍ତି"।**

ଓଡିଆ ମାଧ୍ୟମ ବିଦ୍ୟାଳୟମାନଙ୍କରେ ପଢୁଥିବା ଓ ଓଡିଆ ଭାଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କ ନିମନ୍ତେ କୌଣସି ସ୍ବତନ୍ତ୍ର ଭାଷା ବୃତ୍ତିର ବ୍ୟବସ୍ଥା ନଥିଲା। ଏହାକୁ ଦୃଷ୍ଟିରେ ରଖି "ଓଡିଆ ଭାଷା ବୃତ୍ତି" ନାମରେ ଏକ ସ୍ବତନ୍ତ୍ର ବୃତ୍ତି ପ୍ରଦାନ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

୧. **ଉଦ୍ଦେଶ୍ୟ :**

(କ) ଓଡିଆ ଭାଷା ପ୍ରତି ଆଦର ବୃଦ୍ଧି ।

(ଖ) ଓଡିଆ ଭାଷା ଓ ସାହିତ୍ୟର ପ୍ରଚାର ଏବଂ ପ୍ରସାର ।

(ଗ) ଓଡିଶା ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ଓଡିଆ ପିଲାଙ୍କ ମଧ୍ୟରେ ଓଡିଆ ଭାଷା ପ୍ରତି ଆଗ୍ରହ ।

(ଘ) ଓଡିଶାର ମାତୃଭାଷାର ଅଭିବୃଦ୍ଧି ।

(ଙ) ବିଦ୍ୟାଳୟ ସ୍ତରରେ ଓଡିଆ ଭାଷା ଅଧ୍ୟୟନ ପ୍ରତି ଗୁରୁତ୍ୱ।

୨. **ମାର୍ଗ ଦର୍ଶିକା (ନିୟମାବଳୀ) :**

(କ) ଏହି ବୃତ୍ତି ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ବାରା ସ୍ବୀକୃତି ପ୍ରାପ୍ତ ସରକାରୀ ଓ ବେସରକାରୀ ଅନୁଦାନ ପ୍ରାପ୍ତ ଓଡିଆ ମାଧ୍ୟମ ଉଚ୍ଚ ବିଦ୍ୟାଳୟରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ପାସ୍ କରୁଥିବା ଛାତ୍ର /ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ।

(ଖ) ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ବାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ମାତୃଭାଷା (ଓଡିଆ) ରେ ଅଧିକ ନମ୍ବର ରଖିଥିବା ଛାତ୍ର /ଛାତ୍ରୀ ଏହି ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ।

(ଗ) ଏହି ବୃତ୍ତି ମାଟ୍ରିକ ପରୀକ୍ଷାରେ ଓଡିଆ ଭାଷା ବିଷୟରେ ସର୍ବାଧିକ ନମ୍ବର ରଖିଥିବା ପ୍ରତି ବ୍ଲକ/ କର୍ପୋରେସନ୍ ର ୧୦ ଜଣ, ମ୍ୟୁନିସିପାଲିଟିର ୫ ଜଣ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ୨ ଜଣଙ୍କୁ ପ୍ରଦାନ କରାଯିବ। ଶେଷ ସ୍ଥାନ ପାଇଁ ବୃତ୍ତି ନିମନ୍ତେ ଏକାଧିକ ଛାତ୍ର ଛାତ୍ରୀ ସମାନ ନମ୍ବର ରଖିଥିବା ସ୍ଥଳେ ମାଟ୍ରିକ ପରୀକ୍ଷାରେ ମୋଟ ଅଧିକ ନମ୍ବର ରଖିଥିବା ଛାତ୍ର/ଛାତ୍ରୀ ଏହି ବୃତ୍ତି ପାଇବା ପାଇଁ

ଯୋଗ୍ୟ ବିବେଚିତ ହେବେ। ରାଜ୍ୟରେ ପ୍ରାୟ ୩୫୪୪ ଛାତ୍ର/ଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ ।

**୩. ବୃତ୍ତି ରାଶି :**

ଏହା ଏକ କାଳୀନ ବୃତ୍ତି ଓ ପ୍ରତ୍ୟେକ ଯୋଗ୍ୟ ଛାତ୍ର ଛାତ୍ରୀଙ୍କ ବୃତ୍ତିର ପରିମାଣ ଟ.5000/-(ପାଞ୍ଚ ହଜାର ଟଙ୍କା) ବ୍ଲକ/କର୍ପୋରେସନ/ମ୍ୟୁନିସିପାଲିଟି/ ବିଜ୍ଞାପିତ ଅଞ୍ଚଳ ପାଇଁ ନିର୍ଦ୍ଧାରିତ ଠାରୁ ଅଧିକ ଛାତ୍ର ଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ ନାହିଁ।

**୪. ଚୟନ ପ୍ରକ୍ରିୟା :**

(କ) ପ୍ରତ୍ୟେକ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ବାରା ପରିଚାଳିତ ହେଉଥିବା ୧୦ମ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳ ପ୍ରକାଶନର ଏକ ମାସ ମଧ୍ୟରେ ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା, କଟକ ବ୍ଲକୱାରୀ ଯୋଗ୍ୟ ଛାତ୍ର ଛାତ୍ରୀମାନଙ୍କ ତାଲିକା ସଂପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ ।

(ଖ) ଯୋଗ୍ୟ ଛାତ୍ର ଛାତ୍ରୀ ଚୟନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ କମିଟି ନିମ୍ନମତେ ଗଠନ କରାଯିବ।

| | | | |
|---|---|---|---|
| (i) | ଜିଲ୍ଲାପାଳ | – | ଅଧକ୍ଷ୍ୟ |
| (ii) | ଜିଲ୍ଲା ଶିକ୍ଷାଧିକାରୀ | - | ସଭ୍ୟ ତଥା ଆବାହକ |
| (iii) | ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ | - | ସଭ୍ୟ |

(ଗ) ଜିଲ୍ଲା ଶିକ୍ଷାଧିକାରୀ, ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଠାରୁ ପ୍ରାପ୍ତ ଛାତ୍ର ଛାତ୍ରୀଙ୍କ ତାଲିକାକୁ ତର୍ଜମାକରି ବୃତ୍ତି ପାଇଁ ଯୋଗ୍ୟ ଛାତ୍ର ଛାତ୍ରୀଙ୍କ ତାଲିକା ଏକ ମାସ ମଧ୍ୟରେ ଜିଲ୍ଲା ସ୍ତରୀୟ କମିଟି ନିକଟରେ ଉପସ୍ଥାପନ କରିବେ। କମିଟି ଏହାକୁ ଯାଞ୍ଚ କରି ଚୂଡାନ୍ତ ତାଲିକା ପ୍ରସ୍ତୁତ କରିବେ ।

(ଘ) ଜିଲ୍ଲା ଶିକ୍ଷାଧିକାରୀ, କମିଟି ଦ୍ବାରା ଅନୁମୋଦିତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ବ୍ଲକ, ସେହି ଅଞ୍ଚଳ ପାଇଁ ଅଲଗା ଅଲଗା ବୃତ୍ତି ଜ୍ଞାପକ ଜାରି କରିବେ ।

**୫) ବୃତ୍ତି ନିମନ୍ତେ ପାଣ୍ଠିଯୋଗାଣ ଓ ବୃତ୍ତି ବଣ୍ଟନ :**

(କ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ବୃତ୍ତି ବାବଦକୁ ଦେୟ ଅର୍ଥରାଶି ନିମନ୍ତେ ବଜେଟରେ ବ୍ୟୟ ଅଟକଳର ବ୍ୟବସ୍ଥା କରିବେ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରତିବର୍ଷ ଜୁନ୍ ମାସ ମଧ୍ୟରେ ପାଣ୍ଠି ଯୋଗାଇବା ସହିତ ବ୍ୟୟ ମଞ୍ଜୁର କରିବେ।

(ଖ) ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଜୁଲାଇ ୧୫ ତାରିଖ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆବଶ୍ୟକୀୟ ପାଣ୍ଠି ପ୍ରଦାନ କରିବେ।

(ଗ) ଜିଲ୍ଲା ଶିକ୍ଷାଅଧିକାରୀ ଜିଲ୍ଲା କମିଟି ଦ୍ବାରା ଅନୁମୋଦିତ ତାଲିକା ଅନୁସାରେ ବୃତ୍ତି ନିମନ୍ତେ ଯୋଗ୍ୟ ବିବେଚିତ ଛାତ୍ର ଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବୃତ୍ତି ରାଶି ସ୍ଥାନାନ୍ତର କରିବେ । କୌଣସି ପରିସ୍ଥିତିରେ ବୃତ୍ତି ରାଶି ନଗଦ ଆକାରରେ ପ୍ରଦାନ କରାଯିବ ନାହିଁ ।

(ଘ) ବୃତ୍ତି ରାଶି ବଣ୍ଟନ ପରେ ପ୍ରତ୍ୟେକ ଜିଲ୍ଲା ଶିକ୍ଷାଧିକାରୀ ସମ୍ପୃକ୍ତ ଜିଲ୍ଲାର ବୃତ୍ତିରାଶି ବଣ୍ଟନ ସମ୍ପର୍କିତ ପ୍ରମାଣ ପତ୍ର (Utilization Certificate) ଏକ ମାସ ମଧ୍ୟରେ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ଓଡିଶାଙ୍କୁ ପ୍ରେରଣ କରିବେ ।

(ଙ) ଉକ୍ତ ପ୍ରମାଣ ପତ୍ରକୁ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ଓଡିଶା, ଆବଶ୍ୟକୀୟ ତର୍ଜମା ପରେ ତାଙ୍କ ସହି ମୋହର ସହିତ ସଂପୂର୍ଣ୍ଣ ବିନିଯୋଗ ପ୍ରମାଣ ପତ୍ର ସରକାରଙ୍କୁ ପ୍ରେରଣ କରିବେ ।

ଏହି ବୃତ୍ତି ଯୋଜନା ୨୦୧୮ ମସିହା ବାର୍ଷିକ ହାଇସ୍କୁଲ ପରୀକ୍ଷା ପରଠାରୁ କାର୍ଯ୍ୟକାରୀ ହେବ।

ଏହା ଅର୍ଥ ବିଭାଗ ଦ୍ବାରା **ତା.20.03.2018** ରିଖରେ, ଏହି ବିଭାଗର ଓସ୍ବାସ **(OSWAS)** ନଥି ସଂଖ୍ୟା SME-SSE-SSE-0095/2017 ରେ ଅନୁମୋଦିତ ହୋଇଛି ।

**ନିର୍ଦ୍ଦେଶ**

ନିର୍ଦ୍ଦେଶ ଦିଆଯାଉଅଛି କି ଏହି ସଂକଳ୍ପଟି ରାଜପତ୍ରର ପରବର୍ତ୍ତୀ ସଂକଳନରେ ପ୍ରକାଶ କରାଯାଉ।

ରାଜ୍ୟପାଳଙ୍କ ନିର୍ଦ୍ଦେଶମତେ

ପ୍ରଦୀପ୍ତ କୁମାର ମହାପାତ୍ର
ପ୍ରମୁଖ ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 917-173+100